# NATIONAL NEWS BULLETIN (ODIA)

**6 December- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ବିମାନସେବା ଅଂଶୀଦାରଙ୍କ ସହ ସମନ୍ୱୟ ରକ୍ଷା ମାଧ୍ୟମରେ ନ୍ୟାୟ ସଙ୍ଗତ ଓ ଯୁକ୍ତିଯୁକ୍ତ ଭଡ଼ା ସୁନିଶ୍ଚିତ କରିବା ନେଇ ନିର୍ଦ୍ଦେଶାବଳୀ ଜାରି କଲା ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ
- ଆଜି ପାଳନ କରାଯାଉଛି ଡକ୍ଟର ଆମ୍ବେଦକରଙ୍କର ମହାପରିନିର୍ବାଣ ଦିବସ

—ଶ୍ରଦ୍ଧାଞ୍ଜଳି ଜ୍ଞାପନ କଲେ ରାଷ୍ଟ୍ରପତି, ଉପରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ

- ନ୍ୟାୟିକ ପ୍ରକ୍ରିୟାରେ କୃତ୍ରିମ ବୁଦ୍ଧିମତ୍ତାର ବ୍ୟବହାର ନେଇ ସତର୍କତା ଅବଲମ୍ବନ କରୁଛନ୍ତି ବିଚାରପତି, କହିଲେ ସୁପ୍ରିମକୋର୍ଟ
- ଆୟକର ବ୍ୟବସ୍ଥାକୁ ସରଳୀକରଣ କରିବା ଉପରେ କାର୍ଯ୍ୟ କରୁଛନ୍ତି ସରକାର

ଏବଂ

- ବିଶାଖାପଟନମ୍ ଠାରେ ଜାରି ରହିଛି ଭାରତ-ଦକ୍ଷିଣ ଆଫ୍ରିକା ଏକଦିବସୀୟ କ୍ରିକେଟ୍ ମ୍ୟାଚ୍

## ଏମ୍‌ଓସିଏ ଏୟାରଲାଇନ୍ସ

ବିମାନ ଯାତ୍ରୀଙ୍କ ପାଇଁ ସମସ୍ତ ପ୍ରଭାବିତ ମାର୍ଗରେ ନ୍ୟାୟସଂଗତ ଏବଂ ଯୁକ୍ତିଯୁକ୍ତ ଭଡ଼ା ସୁନିଶ୍ଚିତ କରିବା ଲାଗି ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ପଦକ୍ଷେପ ଗ୍ରହଣ କରିଛି । ମନ୍ତ୍ରଣାଳୟ ପକ୍ଷରୁ ଏ ସଂକ୍ରାନ୍ତରେ ଏକ ନିର୍ଦ୍ଦେଶନାମା ଜାରି କରାଯାଇଛି । ନିର୍ଦ୍ଧାରିତ ଭଡ଼ା

ସୀମାକୁ କଡ଼ାକଡ଼ି ଭାବେ ପାଳନ କରିବାକୁ ବିମାନସେବା ପ୍ରଦାନକାରୀ କମ୍ପାନୀଗୁଡ଼ିକୁ ମନ୍ତ୍ରଣାଳୟ ନିର୍ଦ୍ଦେଶ ଦେଇଛି । ପରିସ୍ଥିତିରେ ସୁଧାର ନ ଆସିବା ପର୍ଯ୍ୟନ୍ତ ଏହି ନିଷ୍ପତ୍ତି ବଳବତ୍ତର ରହିବ । ବିମାନ ସେବା କ୍ଷେତ୍ରରେ ମୂଲ୍ୟ ଶୃଙ୍ଖଳକୁ ବଜାୟ ରଖିବା, ଯାତ୍ରୀଙ୍କୁ ଆର୍ଥିକ ଶୋଷଣରୁ ସୁରକ୍ଷିତ ରଖିବା ଏବଂ ବରିଷ୍ଠ ନାଗରିକ, ଛାତ୍ରଛାତ୍ରୀ ଓ ରୋଗୀଙ୍କ ସମେତ ଜରୁରୀକାଳୀନ ଯାତ୍ରାକୁ ସୁନିଶ୍ଚିତ କରିବା ହେଉଛି ଏହି ନିର୍ଦ୍ଦେଶାବଳୀର ମୁଖ୍ୟ ଉଦ୍ଦେଶ୍ୟ । ବିମାନସେବା ପ୍ରଦାନକାରୀ କମ୍ପାନୀ ଏବଂ ଅନ୍‌ଲାଇନ୍ ଯାତ୍ରା ପ୍ଲାଟଫର୍ମ ସହିତ ସମନ୍ୱୟ ରକ୍ଷା ମାଧ୍ୟମରେ ଭଡ଼ା ନିର୍ଦ୍ଦେଶାବଳୀକୁ ସୁନିଶ୍ଚିତ କରିବା ପାଇଁ ମନ୍ତ୍ରଣାଳୟ ତୀକ୍ଷ୍ଣ ନଜର ରଖିଛି । ନିର୍ଦ୍ଧାରିତ ମାନଦଣ୍ଡ ଉଲ୍ଲଂଘନ କ୍ଷେତ୍ରରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମନ୍ତ୍ରଣାଳୟ ସତର୍କ କରାଇଛି ।

ଅନ୍ୟପକ୍ଷରେ ଦିଲ୍ଲୀରେ ବିମାନସେବା କ୍ରମଶଃ ସ୍ୱାଭାବିକ ହେଉଛି । ବିମାନ ବନ୍ଦର କର୍ତ୍ତୃପକ୍ଷ କହିଛନ୍ତି, ଯଦିଓ କିଛି ଇଣ୍ଡିଗୋ ବିମାନ ଉଡ଼ାଣ ପ୍ରଭାବିତ ହୋଇଛି, ତଥାପି ଯାତ୍ରୀଙ୍କ ସୁଗମ ଯାତ୍ରାକୁ ସୁନିଶ୍ଚିତ କରିବା ପାଇଁ ସମସ୍ତ ଅଂଶୀଦାରଙ୍କ ସହ ସକ୍ରିୟ ଭାବେ ସମନ୍ୱୟ ରକ୍ଷା କରାଯାଇ ପଦକ୍ଷେପ ଗ୍ରହଣ କରାଯାଉଛି । ବିମାନ ବନ୍ଦରକୁ ଯିବା ପୂର୍ବରୁ ସବିଶେଷ ଉଡ଼ାଣ ସ୍ଥିତି ଯାଞ୍ଚ କରିବାକୁ ଯାତ୍ରୀମାନଙ୍କୁ ପରାମର୍ଶ ଦିଆଯାଇଛି । **www.newdelhiairport.in** ସରକାରୀ ୱେବ୍‌ସାଇଟ୍‌ରେ ଉଡ଼ାଣସ୍ଥିତି ସଂପର୍କିତ ତଥ୍ୟ ଉପଲବ୍ଧ ଅଛି ବୋଲି କର୍ତ୍ତୃପକ୍ଷ କହିଛନ୍ତି ।

## ମହାପରିନିର୍ବାଣ ଦିବସ

ଭାରତରତ୍ନ ଡକ୍ଟର ବି.ଆର୍. ଆମ୍ବେଦକରଙ୍କ ୭୦ତମ ଶ୍ରାଦ୍ଧବାର୍ଷିକୀରେ ଦେଶ ଆଜି ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି । ଏହାକୁ ମହାପରିନିର୍ବାଣ ଦିବସ

ଭାବେ ପାଳନ କରାଯାଉଛି । ସାରା ଦେଶରେ ଡକ୍ଟର ଆମ୍ବେଦକରଙ୍କ ଦେଶ ନିର୍ମାଣରେ ଅବଦାନକୁ ସ୍ମରଣ କରି ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି । ଏହି ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ସି.ପି. ରାଧାକୃଷ୍ଣନ୍, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଲୋକସଭା ବାଚସ୍ପତି ଓମ୍ ବିର୍ଲା ସଂସଦ ଭବନ ସ୍ଥିତ ପ୍ରେରଣା ସ୍ଥଳରେ ଆଜି ସକାଳେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି ।

ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ ଡକ୍ଟର ଆମ୍ବେଦକରଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରି କହିଛନ୍ତି, ସମାନତା, ମର୍ଯ୍ୟାଦା ଓ ଭ୍ରାତୃତ୍ୱ ପାଇଁ ତାଙ୍କର ନିରବଚ୍ଛିନ୍ନ ସଂଗ୍ରାମ ଆଧୁନିକ, ପ୍ରଗତିଶୀଳ ଓ ସମାବେଶୀ ଭାରତ ଗଠନର ମୂଳଦୁଆ ପକାଇଛି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସାମାଜିକ ଗଣମାଧ୍ୟମରେ ବାବାସାହେବଙ୍କ ଦୂରଦୃଷ୍ଟିସଂପନ୍ନ ନେତୃତ୍ୱ, ନ୍ୟାୟ, ସମାନତା ଓ ସାମ୍ବିଧାନିକ ମୂଲ୍ୟବୋଧ ପ୍ରତି ଅଟଳ ପ୍ରତିବଦ୍ଧତା ଦେଶର ବିକାଶ ଯାତ୍ରାକୁ ମାର୍ଗ ଦର୍ଶନ କରିଆସୁଛି ବୋଲି କହିଛନ୍ତି ।

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା କହିଛନ୍ତି, ଶ୍ରମିକ, କୃଷକ ଏବଂ ସମାଜର ଦୁର୍ବଳ ବର୍ଗଙ୍କ ଅଧିକାରକୁ ସୁନିଶ୍ଚିତ କରି ଡକ୍ଟର ଆମ୍ବେଦକର ସାମାଜିକ ନ୍ୟାୟର ସର୍ବୋଚ୍ଚ ଆଦର୍ଶ ପ୍ରତିଷ୍ଠା କରିଛନ୍ତି । ଭ୍ରାତୃତ୍ୱ ନୀତି ଉପରେ ପ୍ରତିଷ୍ଠିତ ଏକ ଶକ୍ତିଶାଳୀ ଭାରତ ଗଠନର ସେ ମୂଳଦୁଆ ପକାଇଥିଲେ ବୋଲି ଶ୍ରୀ ଶାହା କହିଛନ୍ତି ।

ଲୋକସଭା ବାଚସ୍ପତି ଓମ୍ ବିର୍ଲା ତାଙ୍କ ବାର୍ତ୍ତାରେ କହିଛନ୍ତି, ସମାନତା, ନ୍ୟାୟ, ଶିକ୍ଷା ଏବଂ ଅନ୍ତର୍ଭୁକ୍ତିମୂଳକ ବିକାଶ ଉପରେ ଆଧାରିତ ସାମାଜିକ ଦୃଷ୍ଟିକୋଣକୁ ପ୍ରତିଷ୍ଠା କରିବା ସହ ଭାରତୀୟ ସମ୍ବିଧାନରେ ଏହାକୁ ଅନ୍ତର୍ଭୁକ୍ତ

କରିଥିଲେ । ଫଳରେ ଏକ ଦୃଢ଼ କଲ୍ୟାଣକାରୀ ରାଷ୍ଟ୍ରର ମୂଳଦୁଆ ସ୍ଥାପିତ ହୋଇପାରିଛି ବୋଲି ଶ୍ରୀ ବିର୍ଲା କହିଛନ୍ତି ।

ଏହି ଦିବସ ପାଳନ ଅବସରରେ ମୁମ୍ବାଇର ଚୈତ୍ୟଭୂମି, ଶିବାଜୀ ପାର୍କ ଏବଂ ଡକ୍ଟର ଆମ୍ବେଦକରଙ୍କ ବାସଭବନ 'ରାଜଗୃହ'ରେ ବ୍ୟାପକ ବ୍ୟବସ୍ଥା କରାଯାଇଛି । ଚୈତ୍ୟଭୂମିରେ ଆୟୋଜିତ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମଗୁଡ଼ିକ ବଡ଼ ପରଦା ଏବଂ ମହାନଗର ନିଗମର ସାମାଜିକ ଗଣମାଧ୍ୟମ ପ୍ଲାଟଫର୍ମରେ ପ୍ରସାରଣ କରାଯାଉଛି ।

## ପିଏମ୍-ପରୀକ୍ଷା ପେ ଚର୍ଚ୍ଚା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ପରୀକ୍ଷା ପେ ଚର୍ଚ୍ଚା' କାର୍ଯ୍ୟକ୍ରମ ପାଇଁ **ମାଇଁ ଗଭ୍** ପୋର୍ଟାଲ୍‌ରେ ଦେଶବ୍ୟାପୀ ପ୍ରତିଯୋଗିତା ଅନୁଷ୍ଠିତ ହେଉଛି । ଆସନ୍ତା ଜାନୁଆରୀ ମାସରେ ହେବାକୁ ଥିବା ଏହି ନବମ ସଂସ୍କରଣ ପାଇଁ ଅନ୍‌ଲାଇନ୍ ପ୍ରତିଯୋଗିତା ଜାନୁୟାରୀ ମାସ ୧୧ ତାରିଖ ପର୍ଯ୍ୟନ୍ତ ଜାରି ରହିବ । ଶିକ୍ଷକ, ଅଭିଭାବଙ୍କ ସହିତ ଷଷ୍ଠରୁ ଦ୍ୱାଦଶ ଶ୍ରେଣୀର ଛାତ୍ରଛାତ୍ରୀମାନେ ଏହି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିପାରିବେ । କାର୍ଯ୍ୟକ୍ରମ ଶେଷ ହେବା ପରେ ସମସ୍ତ ପଞ୍ଜୀକୃତ ଅଂଶଗ୍ରହଣକାରୀଙ୍କୁ **ମାଇଁ ଗଭ୍** ରୁ ପ୍ରମାଣପତ୍ର ପ୍ରଦାନ କରାଯିବ । ଏହି କାର୍ଯ୍ୟକ୍ରମରେ ଦେଶ ଏବଂ ବିଦେଶର ଛାତ୍ରଛାତ୍ରୀ, ଅଭିଭାବକ ଓ ଶିକ୍ଷକଙ୍କ ସହ ପ୍ରଧାନମନ୍ତ୍ରୀ ମତ ବିନିମୟ କରିବେ । ଗତବର୍ଷ ପରୀକ୍ଷା ପେ ଚର୍ଚ୍ଚା କାର୍ଯ୍ୟକ୍ରମ ଗିନିସ୍ ବିଶ୍ୱ ରେକର୍ଡ ସ୍ଥାପନ କରିଛି । ୨୪୫ରୁ ଅଧିକ ଦେଶର ଛାତ୍ରଛାତ୍ରୀ, ୧୫୩ଟି ଦେଶର ଶିକ୍ଷକ ଏବଂ ୧୪୯ଟି ଦେଶର ଅଭିଭାବକ ଏଥିରେ ଅଂଶ ଗ୍ରହଣ କରିଥିଲେ ।

୨୦୧୮ ପ୍ରଥମ ସଂସ୍କରଣରେ ମାତ୍ର ୨୨ ହଜାର ଅଂଶଗ୍ରହଣକାରୀ ଥିବା ବେଳେ ଗତବର୍ଷ ଅଷ୍ଟମ ସଂସ୍କରଣ ପାଇଁ ପଞ୍ଜୀକରଣ ୩ କୋଟି ୫୬ ଲକ୍ଷକୁ ବୃଦ୍ଧି ପାଇଥିଲା ।

## ଏସ୍‌ସି-ଏଆଇ

ନ୍ୟାୟିକ ପ୍ରକ୍ରିୟାରେ କୃତ୍ରିମ ବୁଦ୍ଧିମତ୍ତାର ବ୍ୟବହାର ନେଇ ବିଚାରପତିମାନେ ଅତ୍ୟନ୍ତ ସତର୍କତା ଅବଲମ୍ବନ କରୁଥିବା ସୁପ୍ରିମକୋର୍ଟ ପକ୍ଷରୁ ସ୍ପଷ୍ଟ କରାଯାଇଛି । ପ୍ରଯୁକ୍ତିବିଦ୍ୟା ବ୍ୟବସ୍ଥା ବିଚାରପତିଙ୍କ ନିଷ୍ପତ୍ତି ନେବା କଳାକୌଶଳକୁ କେବେ ବି ଟପିଯାଇ ପାରିବ ନାହିଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି । ନ୍ୟାୟିକ ବ୍ୟବସ୍ଥାରେ କୃତ୍ରିମ ବୁଦ୍ଧିମତ୍ତା ଓ ମେସିନ୍ ଲର୍ଣ୍ଣିଙ୍ଗ୍ ଉପରେ ନିୟନ୍ତ୍ରଣ ସଂପର୍କିତ ଏକ ଆବେଦନର ଶୁଣାଣି କରି ସୁପ୍ରିମକୋର୍ଟର  ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଓ ଜଷ୍ଟିସ୍  ଜୟମାଲ୍ୟ ବାଗ୍‌ଚୀଙ୍କୁ ନେଇ ଗଠିତ  ଖଣ୍ଡପୀଠ ଏହି ମନ୍ତବ୍ୟ ଦେଇଛନ୍ତି ।  ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତ ପ୍ରଯୁକ୍ତିବିଦ୍ୟା ଉପଯୋଗ କ୍ଷେତ୍ରରେ ନ୍ୟାୟାଳୟ ଅତ୍ୟନ୍ତ ସତର୍କ ବୋଲି କହିବା ସହିତ ବିଚାରପତିମାନଙ୍କ ସ୍ୱାଧୀନତା ଓ ମାନବୀୟ ନିଷ୍ପତ୍ତି ନେବା ନ୍ୟାୟିକ ପ୍ରକ୍ରିୟାର କେନ୍ଦ୍ର ବୋଲି ସ୍ପଷ୍ଟ କରିଛନ୍ତି ।

## ଶାହା

ଗୋପାଳନ କ୍ଷେତ୍ରରେ ସର୍କୁଲାର ଇକୋନମି ମଡେଲକୁ କାର୍ଯ୍ୟକାରୀ କରି ଆସନ୍ତା ୫ ବର୍ଷ ମଧ୍ୟରେ ଗୋପାଳକଙ୍କ ଆୟ ବୃଦ୍ଧି କରିବାକୁ ସରକାର ଲକ୍ଷ୍ୟ ରଖିଥିବା ଗୃହ ଓ ସମବାୟ ମନ୍ତ୍ରୀ ଅମିତ ଶାହା କହିଛନ୍ତି । ଗୁଜରାଟର ସାନଦରଠାରେ ଏକ ଜନସଭାରେ ଉଦ୍‌ବୋଧନ ଦେଇ ଶ୍ରୀ ଶାହା ଏହା କହିଛନ୍ତି ।

ପୂର୍ବରୁ ଶ୍ରୀ ଶାହା ଆଜି ବନସ ଡାଏରୀର ଏକ ବାୟୋ ସିଏନ୍‌ଜି ଓ ସାରକାରଖାନାକୁ ଉଦ୍‌ଘାଟନ କରିଥିଲେ । ସେଠାରେ ସର୍କୁଲାର ଇକୋନମି ମଡେଲର ସୁଫଳ ମିଳୁଥିବା କହିବା ସହ ଏହାକୁ ଦେଶ ବ୍ୟାପି ଲାଗୁ କରାଯିବା ଉପରେ ସରକାର ବିଚାର କରୁଛନ୍ତି ବୋଲି ଶ୍ରୀ ଶାହା କହିଛନ୍ତି ।

## ସୀତାରମଣ

ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କହିଛନ୍ତି କେନ୍ଦ୍ର ସରକାର ଆୟକର ବ୍ୟବସ୍ଥାକୁ ସରଳୀକରଣ କରିବାକୁ କାର୍ଯ୍ୟ କରୁଛନ୍ତି। ନୂଆଦିଲ୍ଲୀରେ ଆଜି ଘରୋଇ ଗଣମାଧ୍ୟମ ସଂସ୍ଥାଗୁଡ଼ିକର ନେତୃତ୍ୱ ସମ୍ମିଳନୀରେ ଉଦ୍‌ବୋଧନ ଦେଇ ଶ୍ରୀମତୀ ସୀତାରମଣ କହିଛନ୍ତି, ଆୟକର ସ୍ଲାବ୍‌କୁ ଆହୁରି ସ୍ୱଚ୍ଛ, ସରଳ କରାଯିବାର ଆବଶ୍ୟକତା ରହିଛି । କଷ୍ଟମ ଡ୍ୟୁଟି କୁ ସରଳୀକରଣ କରାଯିବା ସହ ଗତ ୨ ବର୍ଷ ମଧ୍ୟରେ ସରକାର ଟିକସ ହ୍ରାସ କରିଛନ୍ତି । ମଧ୍ୟବିତ୍ତ ପରିବାର ଗୁଡ଼ିକର ସଞ୍ଚୟ ହ୍ରାସ ପାଉନଥିଲା ବେଳେ ସେମାନର ପୁଞ୍ଜି ନିବେଶ ବୃଦ୍ଧି ପାଉଥିବା ସେ କହିଛନ୍ତି । ଚଳିତବର୍ଷ ଦେଶର ଅଭିବୃଦ୍ଧି ହାର ୭ ପ୍ରତିଶତରୁ ଅଧିକ ହେବ ବୋଲି ଶ୍ରୀମତୀ ସୀତାରବଣ କହିଛନ୍ତି ।

## ଟ୍ରମ୍ପ ଫିଫା ପିସ୍ ପ୍ରାଇଜ୍

ୱାଶିଂଟନ୍‌ରେ ୨୦୨୬ ବିଶ୍ୱକପ୍ ଫୁଟ୍‌ବଲ୍‌ର ଅଧିକାରିକ ଘୋଷଣା ସହିତ ଆମେରିକାର ରାଷ୍ଟ୍ରପତି ଡୋନାଲ୍ ଟ୍ରମ୍ପଙ୍କୁ ପ୍ରଥମ ଫିଫା ଶାନ୍ତି ପୁରସ୍କାରରେ ସମ୍ମାନିତ କରାଯାଇଛି । ଶାନ୍ତି ପାଇଁ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରିବା ପାଇଁ ଫିଫା ପକ୍ଷରୁ ଗତମାସ ଆରମ୍ଭ କରାଯାଇଥିବା ଏହି ଶାନ୍ତି ପୁରସ୍କାରକୁ ଫିଫାର ସଭାପତି ଜିଆନି ଇନ୍‌ଫାନ୍ତିନୋ ଟ୍ରମ୍ପଙ୍କୁ ପ୍ରଦାନ କରିଛନ୍ତି । ଏହାକୁ ଏକ ମହାନ୍ ସମ୍ମାନ

ଭାବେ ଉଲ୍ଲେଖ କରି ବିଶ୍ୱର ବିଭିନ୍ନ ସ୍ଥାନରେ ସଂଘର୍ଷ ଦୂର କରିବାରେ ସହାୟକ ହୋଇଥିବା ସେ କହିଛନ୍ତି । ଭାରତ-ପାକିସ୍ତାନ ମଧ୍ୟରେ ଯୁଦ୍ଧ ବିରତି ପାଇଁ ସେ ଦାବି କରୁଥିଲେ ମଧ ଏହାକୁ ଭାରତ ପକ୍ଷରୁ ବହୁବାର ଅସ୍ୱୀକାର କରାଯାଇଛି । ତେବେ ପାକିସ୍ତାନ ଭାରତର ଅପରେସନ ସିନ୍ଦୂର ଅଭିଯାନ ଟ୍ରମ୍ପଙ୍କ ହସ୍ତକ୍ଷେପ ଫଳରେ ବନ୍ଦ ହୋଇଥିବା କହିଛି । ଶାନ୍ତିର ପ୍ରସାର କ୍ଷେତ୍ରରେ ଟ୍ରମ୍ପଙ୍କ ପଦକ୍ଷେପକୁ ଉଚ୍ଚ ପ୍ରଶଂସା କରି ଇନ୍‌ଫାନ୍ତିନୋ ପଦକ ଓ ପ୍ରମାଣପତ୍ର ପ୍ରଦାନ କରିଛନ୍ତି ।

ନୋବେଲ ଶାନ୍ତି ପୁରସ୍କାର ପାଇବା ପାଇଁ ଟ୍ରମ୍ପଙ୍କ ପକ୍ଷରୁ ପୂର୍ବରୁ ଅଭିଯାନ କରାଯାଇଥିଲେ ମଧ୍ୟ ତାହା ତାଙ୍କୁ ମିଳିନଥିଲା । ରାଷ୍ଟ୍ରପତି ଟ୍ରମ୍ପଙ୍କୁ ଫିଫା ଶାନ୍ତି ପୁରସ୍କାର ପ୍ରଦାନ କରାଯିବା ପରେ ବିଶ୍ୱବ୍ୟାପୀ ବହୁ ଫୁଟ୍‌ବଲ ପ୍ରଶଂସକ ଏହାକୁ ସମାଲୋଚନା କରିଛନ୍ତି । ସୂଚନାଯୋଗ୍ୟ ୨୦୨୬ ବିଶ୍ୱକପ୍ ଫୁଟ୍‌ବଲ୍ ମେକ୍ସିକୋ, କାନାଡା ଏବଂ ଯୁକ୍ତରାଷ୍ଟ୍ର ଆମେରିକା ମିଳିତ ଭାବେ ଆୟୋଜନ କରିବେ । ମେକ୍‌ସିକୋ ଓ କାନାଡା ମଧ୍ୟରେ ପ୍ରଥମ ମ୍ୟାଚ୍ ଜୁନ୍ ମାସ ୧୧ ତାରିଖରେ ଅନୁଷ୍ଠିତ ହେବ ।

## କ୍ରିକେଟ୍ - ଓ.ଡି.ଆଇ.

ବିଶାଖାପଟନମ୍‌ର ଏ.ସି.ଏ.-ଭି.ଡି.ସି.ଏ. କ୍ରିକେଟ୍ ଷ୍ଟାଡିୟମ୍‌ରେ ଭାରତ ଏବଂ ଦକ୍ଷିଣ ଆଫ୍ରିକା ମଧ୍ୟରେ ତୃତୀୟ ତଥା ଅନ୍ତିମ ଏକଦିବସୀୟ ମ୍ୟାଚ୍ ଜାରି ରହିଛି । ଟସ୍ ଜିତି ଭାରତ ଦକ୍ଷିଣ ଆଫ୍ରିକାକୁ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଛି । ସମ୍ବାଦ ପ୍ରସ୍ତୁତ ହେବା ବେଳକୁ ଦକ୍ଷିଣ ଆଫ୍ରିକା ଦଳ ୧ ଓଭରରେ ୧ ୱିକେଟ୍ ହରାଇ ୧ ରନ୍ ସଂଗ୍ରହ କରିଛି । ଏହି ସିରିଜ୍ ୧-୧ରେ ସମାନ ସ୍ଥିତିରେ ରହିଛି ।

# ଏଫ୍ଆଇଏଚ୍

ଏଫ.ଆଇ.ଏଚ୍. ହକି ପୁରୁଷ ଜୁନିୟର ବିଶ୍ୱକପ୍‌ରେ ଆସନ୍ତାକାଲି ସେମିଫାଇନାଲ୍‌ରେ ଭାରତ ଏବଂ ଜର୍ମାନୀ ମଧ୍ୟରେ ମ୍ୟାଚ୍ ଖେଳାଯିବ । ଗତ ସନ୍ଧ୍ୟାରେ ଚେନ୍ନାଇର ମେୟର ରାଧାକୃଷ୍ଣନ୍ ହକି ଷ୍ଟାଡିୟମ୍‌ରେ ଅନୁଷ୍ଠିତ କ୍ୱାର୍ଟର ଫାଇନାଲ୍ ମ୍ୟାଚ୍‌ରେ ଭାରତ ବେଲ୍‌ଜିୟମ୍‌କୁ ପରାସ୍ତ କରି ସେମିଫାଇନାଲ୍‌ରେ ପ୍ରବେଶ କରିଛି । ଭାରତୀୟ ହକିଦଳ ପେନାଲ୍‌ଟି ସୁଟ୍ ଆଉଟ୍ ଜରିଆରେ ୪-୩ ଗୋଲ୍‌ରେ ବେଲ୍‌ଜିୟମ୍‌କୁ ପରାସ୍ତ କରିଛି । ପ୍ରିନ୍‌ସ୍‌ଦୀପଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଛି ।